
# ହରଣ କରି ଜାଣିବା

ଓଧ ଓ ନେଉଳ ଗୋଟିଏ ପୋଖରୀରୁ ଜାଲ ପକାଇ ମାଛ ଧରିଲେ। ଦୁଇଜଣଙ୍କର ଖୁସି କହିଲେ ନ ସରେ, କେତେ ମାଛ । ହେଲେ ସେମାନଙ୍କର ମନରେ ଦୁଃଖ ରହିଗଲା ସବୁମାଛ ସମାନ ବଡ଼ି ନାହାଁନ୍ତି। ଅଳ୍ପ କେତୋଟି ମାଛ ବହୁତ ବଡ଼ ହୋଇଛନ୍ତି। ତିନି ପ୍ରକାରର ମାଛ- ଛୋଟମାଛ, ମଝିଆ ପ୍ରକାରର ମାଛ ଓ ବଡ଼ମାଛ। ବଡ଼ମାଛ ୨ଟି, ମଝିଆ ପ୍ରକାରର ମାଛ ୪ଟି ଓ ସାନମାଛ ୮ଟି ।



ମାଛ କିପରି ବାଣ୍ଟିବେ ଓଧ ଓ ନେଉଳ ? କ'ଣ କରିବେ। ନେଉଳ ଟିକିଏ ଚାଲାକ୍ କରି ଓଧକୁ କହିଲା, "ଛୋଟମାଛର ସଂଖ୍ୟା ଅଧିକ, ତୁମେ ନେଇଯାଅ। ବଡ଼ମାଛ ଓ ମଝିଆମାଛଙ୍କ ସଂଖ୍ୟା ମିଶି କମ୍, ତେଣୁ ମୁଁ ନେଇଯାଉଛି"। ଓଧ ଭାବିଲା- ସାନ ମାଛ ସଂଖ୍ୟା ଅଧିକ କିନ୍ତୁ ବଡ଼ମାଛଙ୍କ ସହ ସମାନ ହେବେ ନାହିଁ। ଓଧ କହିଲା- "ଠିକ୍ ଅଛି, ମୁଁ ବଡ଼ ଓ ମଝିଆମାଛ ନେଇଯାଉଛି । ତୁମେ ସାନମାଛ ସବୁ ନେଇଯାଅ।" ଏ କଥାରେ ନେଉଳ ରାଜି ହେଲା ନାହିଁ। ଦୁହିଁଙ୍କ ଭିତରେ କଥାବାର୍ତ୍ତା, ପରେ କଳି। ଶେଷରେ କ'ଣ ନିଷ୍ପତ୍ତି ହୋଇଥିବ ? ସେମାନେ କେମିତି ମାଛକୁ ବାଣ୍ଟିଥିବେ କହ।

ସେମାନେ କିପରି ମାଛଗୁଡ଼ିକୁ ବାଣ୍ଟିଲେ ଆସ ଦେଖିବା।



• ଆସ, ଆଉ ଗୋଟିଏ ପରିସ୍ଥିତି ସଂପର୍କରେ ଆଲୋଚନା କରିବା।

ଥରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ବନ୍ୟା ହୋଇଥିଲା। କେନ୍ଦ୍ର ସରକାର ଓଡ଼ିଶା ଓ ପଶ୍ଚିମବଙ୍ଗ ପାଇଁ ଚୁଡ଼ା ବସ୍ତା ଟ୍ରେନ୍‌ରେ ପଠାଇଲେ । ଉଭୟ ରାଜ୍ୟ ସମାନ ସଂଖ୍ୟକ ଚୁଡ଼ା ବସ୍ତା ବାଣ୍ଟିନେବେ। ମୋଟ ୮ଟି ଟ୍ରକ (ପ୍ରତ୍ୟେକ ଟ୍ରକରେ ୧୦୦ ବସ୍ତା), ୬ଟି ଟ୍ରାକ୍‌ଟରରେ (ପ୍ରତି ଟ୍ରାକ୍‌ଟରରେ ୧୦ ବସ୍ତା ଲେଖାଏଁ) ଓ ୪ଟି ଖୋଲା ବସ୍ତା ଚୁଡ଼ା ଆସିଥିଲା।

☞ ଏବେ କହ, ସମାନ ଭାଗ କରି ବାଣ୍ଟିବାରେ ନିମ୍ନ ମଧ୍ୟରୁ କେଉଁଟି ଠିକ୍, ସହଜ ଓ ଶୀଘ୍ର ହେବ ?

(କ) ସମସ୍ତ ଚୁଡ଼ା ବସ୍ତାକୁ କାଢ଼ି ଗଣିବା ଓ ବସ୍ତା ବସ୍ତା କରି ଭାଗ ବାଣ୍ଟିବା।

(ଖ) ଗୋଟିଏ ରାଜ୍ୟ ୮ ଟ୍ରକ ଚୁଡ଼ା ବସ୍ତା ଓ ଅନ୍ୟ ରାଜ୍ୟଟି ୬ଟି ଟ୍ରାକ୍‌ଟରରେ ଥିବା ଚୁଡ଼ା ଓ ୩ଟି ଖୋଲା ବସ୍ତା ନେବେ।

(ଗ) ଟ୍ରକ, ଟ୍ରାକ୍‌ଟର ଓ ଖୋଲା ଗୋଟିକିଆ ବସ୍ତାରେ ଥିବା ଚୁଡ଼ାରୁ ଯେ କୌଣସି ରାଜ୍ୟକୁ ଯେତେ ବସ୍ତା ଦେଲେ ଚଳିବ।

(ଘ) ପ୍ରତି ରାଜ୍ୟକୁ ସମାନ ସମାନ ଟ୍ରକର ଚୁଡ଼ା, ସମାନ ସମାନ ଟ୍ରାକଟରର ଚୁଡ଼ା ଓ ସମାନ ସମାନ ଖୋଲାବସ୍ତା ଚୁଡ଼ା ଦିଆଯିବ।

• ଉପରେ ଦିଆଯାଇଥିବା ଚୁଡ଼ାବଣ୍ଟା ପରିସ୍ଥିତିକୁ ଭାଗକ୍ରିୟାରେ କିପରି ପ୍ରକାଶ କରାଯାଇପାରିବ ?

୮ଟି ଟ୍ରକରେ ଥିଲା ୮ଶହ ବସ୍ତା ଚୁଡ଼ା, ଏହାକୁ ଦୁଇ ସମାନ ଭାଗ କଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୪ଟ୍ରକ ଚୁଡ଼ା ବା ୪ଶହ ବସ୍ତା

ଅର୍ଥାତ୍ ୮ଶହ ÷ ୨ = ୪ଶହ

• ଗୋଟିଏ ଟ୍ରାକ୍‌ଟରରେ ଥିଲା ୧୦ବସ୍ତା ଚୁଡ଼ା, ୬ଟି ଟ୍ରାକ୍‌ଟରରେ ଥିଲା ୬ଦଶ (=୬୦)ବସ୍ତା ଚୁଡ଼ା

ଦୁଇ ରାଜ୍ୟ ମଧ୍ୟରେ ଏହାକୁ ସମାନ ଭାବରେ ବାଣ୍ଟିନେଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୩ଦଶ ଚୁଡ଼ା ବସ୍ତା

ଏହାକୁ ଏପରି ଲେଖାଯିବ ୬ଦଶ ÷ ୨ = ୩ଦଶ

• ସେହିପରି ୪ଟି ଖୋଲା ଚୁଡ଼ାବସ୍ତାକୁ ଦୁଇ ସମାନ ଭାଗ କଲେ, ପ୍ରତି ଭାଗରେ ପଡ଼ିବ ୨ ବସ୍ତା ।

୪ଏକ ÷ ୨ = ୨ଏକ

ଅର୍ଥାତ୍ ୮ଶହ ୬ ଦଶ ୪ଏକ ÷ ୨ = ୪ଶହ ୩ଦଶ ୨ଏକ

୮୬୪ ÷ ୨ = ୪୩୨

ଉପରେ ଦିଆଯାଇଥିବା ଭାଗ କରିବାର ପ୍ରଣାଳୀକୁ ଚିତ୍ରରେ ଦର୍ଶାଅ-

☞ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ୬ ଶହ ୪ଦଶ ଓ ୨ଏକ କୁ ୨ଭାଗ କଲେ,ପ୍ରତି ଭାଗରେ ପଡ଼ିବ ☐ ଶହ ☐ ଦଶ ଓ ☐ ଏକ,

ସଂଖ୍ୟାରେ ଲେଖିଲେ ୬୪୨ ÷ ୨ = ☐

(ଖ) ୬ ଶହ ୩ ଦଶ ଓ ୩ ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୬୩୩ ÷ ୩ = ☐

(ଗ) ୯ ଶହ ୬ଦଶ ଓ ୦ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୯୬୦ ÷ ୩ = ☐

(ଘ) ୮ଶହ ୦ ଦଶ ଓ ୪ ଏକକୁ ୪ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୮୦୪ ÷ ୪ = ☐

- ୩୨୫ କୁ ୫ ଦ୍ୱାରା କିପରି ଭାଗକରାଯାଏ, ଆସ ଦେଖିବା ।

```
       ୦୬୫
   ୫ ) ୩୨୫
       ୦
     -----
       ୩୨
       ୩୦
     -----
        ୨୫
        ୨୫
     -----
         ୦
```

**ପ୍ରଥମ ସୋପାନ-** ପ୍ରଥମେ ୩ ଶହ ନେବା ୫ ଭାଗ କରିବା (୩ କୁ ୫ ଦ୍ୱାରା ଭାଗ କରିପାରିବା ନାହିଁ)। ତେଣୁ ୩ ଶହ ଓ ୨ଦଶ ନେବା । ଏହାକୁ ୫ଦ୍ୱାରା ଭାଗ କରିବା ।

**ଦ୍ୱିତୀୟ ସୋପାନ-** ୩ ଶହ ୨ଦଶ = ୩୨ଦଶ, ୩୨ଦଶ କୁ ୫ ଦ୍ୱାରା ଭାଗ କରିବା ।

୩୨ଦଶକୁ ୫ ଦ୍ୱାରା ଭାଗ କଲେ ପ୍ରତି ଭାଗରେ ପଡିବ ୬ଦଶ ଓ ୨ଦଶ ବଳିଲା ।

**ତୃତୀୟ ସୋପାନ-** ବର୍ତ୍ତମାନ ରହିଲା ୨ଦଶ ଓ ୫ ଏକ = ୨୫ଏକ

**୨୫ ଏକକୁ ୫ ଭାଗ କଲେ ପ୍ରତି ଭାଗରେ ୫ ଏକ ପଡ଼ିବ ।**

ଆଉ କୌଣସି ସଂଖ୍ୟା ବଳିଲା ନାହିଁ ।

ତେଣୁ ୩୨୫ ÷ ୫ = ୬ ଦଶ ୫ ଏକ ବା ୬୫

ତୁମେ ନିମ୍ନ ହରଣକ୍ରିୟାଗୁଡ଼ିକୁ ନିଜେ କର ।

(କ) ୩ ) ୬୩୯ (ଗ) ୮ ) ୬୪୮

(ଖ) ୫ ) ୭୫୦ (ଘ) ୬ ) ୯୮୪

ଉଦାହରଣ - ୧

୮୨୩ଟି ପଙ୍ଖାକୁ ୩ଜଣ ବ୍ୟବସାୟୀ ସମାନ ଭାଗରେ ବାଣ୍ଟିନେଲେ । ପ୍ରତ୍ୟେକଙ୍କ ଭାଗରେ କେତୋଟି ପଙ୍ଖା ପଡ଼ିବ ?

ସମାଧାନ-

```
     ୨୭୪
  ୩ ) ୮୨୩
      ୬
     ----
      ୨୨
      ୨୧
     ----
       ୧୩
       ୧୨
      ----
        ୧
```

ଲକ୍ଷ୍ୟ କର, ପ୍ରତ୍ୟେକ ବ୍ୟବସାୟୀ ୨୭୪ଟି ନେଲା ପରେ ମଧ୍ୟ ଗୋଟିଏ ପଙ୍ଖା ବଳିପଡ଼ିଲା ।
ଅର୍ଥାତ୍ ଭାଗ କଲାବେଳେ କେତେକ କ୍ଷେତ୍ରରେ କିଛି ବଳେ ନାହିଁ ଓ କେତେକ କ୍ଷେତ୍ରରେ କିଛି ବଳିପଡ଼େ ।

ମନେରଖ, ଯାହାକୁ ଭାଗ କରାଯାଏ, ଅର୍ଥାତ୍ ଯେଉଁ ମୂଳ ଜିନିଷକୁ ଭାଗ ବଣ୍ଟାଯାଇଥାଏ, ତା'କୁ **ଭାଜ୍ୟ** କୁହାଯାଏ ।

ଯେତିକି (ଯାହାଦ୍ୱାରା) ଭାଗ କରାଯାଏ, ତା'କୁ **ଭାଜକ** କୁହାଯାଏ ।

ଭାଗ ହେବା ପରେ ଗୋଟିଏ ଭାଗରେ ଯେତିକି ପଡ଼ିଲା, ତା'କୁ **ଭାଗଫଳ** କୁହାଯାଏ ।

ଭାଗକ୍ରିୟା ପରେ ଯାହା ବଳିପଡ଼େ, ତା'କୁ **ଭାଗଶେଷ** କୁହାଯାଏ ।


- ଉପର ଉଦାହରଣରେ ଆମେ ଦେଖିଲେ ୮୨୩ ÷ ୩ = ୨୭୪ ପଡ଼ି ୧ ବଳିଲା ।
ଏଠାରେ ୮୨୩କୁ ଭାଗ କରାଯାଇଛି, ତେଣୁ ୮୨୩ ହେଉଛି ଭାଜ୍ୟ,
୮୨୩କୁ ୩ ସମାନ ଭାଗ କରାଯାଇଛି, ଏଠାରେ ୩ ହେଉଛି ଭାଜକ,
୮୨୩କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡୁଛି, ଏଠାରେ ୨୭୪ ହେଉଛି ଭାଗଫଳ ।
୮୨୩କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡ଼ିବା ପରେ ମଧ୍ୟ ୧ ବଳି ପଡୁଛି, ତେଣୁ ୧ ହେଉଛି ଭାଗଶେଷ ।

☞ ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ହେଲା ଲେଖ ।-

(କ) ୪ ) ୮୨୪     (ଖ) ୨ ) ୯୩୨     (ଗ) ୪ ) ୭୩୬

(ଘ) ୩ ) ୯୬୩     (ଙ) ୩ ) ୬୩୬     (ଚ) ୩ ) ୯୩୫

- ଗାଁ ଗହଳିର କଥା, ଛୋଟ ଗାଁ ଟିଏ, ନାମ ଅଲେଖପୁର । ଗାଁରେ ମାତ୍ର ୯ ଘର, ସମସ୍ତେ ଗାଁରେ ଥିବା କେତେକ ପଣସ ଗଛରୁ ୨୮୭ଟି ପଣସ ତୋଳିଲେ ଓ ସମାନ ଭାଗରେ ବାଣ୍ଟିନେଲେ । କେତୋଟି ପଣସ ବଳିପଡ଼ିଥିବ ? ଜଣଙ୍କ ଭାଗରେ କେତୋଟି ପଣସ ପଡ଼ିଥିବ ? ରାତିରେ ଗାଁରେ ସଭା ବସିଥିଲା । ଗାଁ ଦାଣ୍ଡର ରାସ୍ତା ତିଆରି ହେବ । ପଇସା ଆସିବ କେଉଁଠୁ ? ଜଣେ ଲୋକ ଠିଆ ହୋଇ ପ୍ରସ୍ତାବ ଦେଲା, ଆମେ ସମସ୍ତେ ଆଜି ଯେଉଁ ପଣସ ନେଇଥିଲେ ସେ ସବୁକୁ ଏକାଠି କରି ବିକିଦେବା । ସମସ୍ତେ ଏ ପ୍ରସ୍ତାବରେ ରାଜିହେଲେ ଓ ନିଜେ ନେଇଥିବା ପଣସ ଆଣି ନିମ୍ନଭଳି ରଖିଲେ ।



☞ ଏବେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ-

- ମୋଟ୍ କେତୋଟି ପଣସ ତୋଳା ଯାଇଥିଲା ?
- ଗ୍ରାମରେ ମୋଟ୍ କେତେ ଘର ଥିଲା ?
- ପ୍ରତି ଘର ପିଛା କେତୋଟି ଲେଖାଏଁ ପଣସ ପଡ଼ିଲା ?
- ଆଉ କେତୋଟି ପଣସ ବଳିପଡ଼ିଲା ?

ଏହି ଭାଗକ୍ରିୟାରେ ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ପାଇଲ ତଳେ ଲେଖ ।

ଭାଜ୍ୟ = ☐ , ଭାଜକ = ☐ , ଭାଗଫଳ = ☐ , ଭାଗଶେଷ = ☐

ଗାଁ ଲୋକମାନେ ନେଇଥିବା ପଣସକୁ ଆଣି ରଖିବାପରେ ମୋଟ୍ ପଣସ ସଂଖ୍ୟା ଜାଣିବେ କିପରି ? ମୋଟ୍ ପଣସ ଏମିତି ହିସାବ କରିବ -

୧ଟି ଭାଗରେ ୩୧ ଟି ପଣସ

୯ଟି ଭାଗରେ ୩୧ x ୯ଟି ପଣସ = ୨୭୯ ଟି ପଣସ

୮ଟି ଗୋଟିକିଆ ପଣସ ଅଛି,

ମୋଟ ପଣସ ସଂଖ୍ୟା = ୨୭୯ଟି ପଣସ + ୮ଟି ପଣସ = ୨୮୭ଟି ପଣସ

ତେବେ ୨୮୭ = ୩୧ x ୯ + ୮

ବା ୨୮୭ = ୯ x ୩୧ + ୮

∴ ଭାଜ୍ୟ = ଭାଜକ x ଭାଗଫଳ + ଭାଗଶେଷ

☞ ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର । ତୁମର ଉତ୍ତର ଠିକ୍ ଅଛି କି ନାହିଁ ଜାଣିବା ପାଇଁ ଭାଜକରେ ଭାଗଫଳକୁ ଗୁଣ । ଗୁଣଫଳ ଯାହା ପାଇଲ, ସେଥିରେ ଭାଗଶେଷକୁ ମିଶାଅ । ଯୋଗଫଳ ଯଦି ଭାଜ୍ୟ ସହ ସମାନ ହେଲା, ତା'ହେଲେ ଜାଣିବ ତୁମେ କରିଥିବା ହରଣ ଠିକ୍ ଅଛି ।

(କ) ୬୫୩ ÷ ୩

(ଖ) ୪୯୮ ÷ ୫

(ଗ) ୯୬୩ ÷ ୪

(ଘ) ୭୮୪ ÷ ୭

ଏବେ ବିଭିନ୍ନ ପରିସ୍ଥିତିରେ ହରଣର ବ୍ୟବହାର ସମ୍ପର୍କରେ ଜାଣିବା

**ଉଦାହରଣ – ୧**

ଗୋଟିଏ ପେଟିରେ ୯ଟି ବହି ରଖାଯାଇପାରିବ । ୧୮୯ଟି ବହିକୁ କେତୋଟି ପେଟିରେ ରଖାଯିବ ?

**ସମାଧାନ–** ଏଠାରେ ପେଟି ସଂଖ୍ୟା ଜାଣିବା ପାଇଁ ୧୮୯ରେ ୯କୁ ଭାଗ କରାଯିବ ।

ଗୋଟିଏ ପେଟିରେ ୯ଟି ବହି ରହେ ।

୧୮୯ଟି ବହିକୁ = ୧୮୯ ÷ ୯ = ୨୧ଟି ପେଟିରେ ରଖିହେବ ।

∴ ୧୮୯ଟି ବହି ୨୧ଟି ପେଟିରେ ରହିବ ।

```
    ୨୧
 ୯ ) ୧୮୯
     ୧୮
     ୦୯
      ୯
      ୦
```

**ଉଦାହରଣ – ୨**

୮ଜଣ ପିଲା ୮୨୪ଟି କୋଳିକୁ ସମାନ ଭାଗରେ ବାଣ୍ଟିନେଲେ । ଜଣଙ୍କ ଭାଗରେ କେତୋଟି କୋଳି ପଡ଼ିବ ?

**ସମାଧାନ –**

୮ଜଣ ପିଲା ୮୨୪ଟି କୋଳି ଭାଗ ବାଣ୍ଟିବେ ।

୧ଜଣ ପିଲା ଭାଗରେ କୋଳି ସଂଖ୍ୟା = ୮୨୪ ÷ ୮ = ୧୦୩ଟି

∴ ଜଣଙ୍କ ଭାଗରେ ୧୦୩ଟି କୋଳି ପଡ଼ିବ ।

```
    ୧୦୩
 ୮ ) ୮୨୪
     ୮
     ୦୨
      ୦
      ୨୪
      ୨୪
       ୦
```

## ଅଭ୍ୟାସ କାର୍ଯ୍ୟ

୧. ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର ।

(କ) ୪୬୮ ÷ ୨ (ଖ) ୯୨୧ ÷ ୩

(ଗ) ୭୦୨ ÷ ୩ (ଘ) ୩୯୬ ÷ ୭

(ଙ) ୬୧୭ ÷ ୯ (ଚ) ୮୦୫ ÷ ୧୦

ପ୍ରତ୍ୟେକ କ୍ଷେତ୍ରରେ ଭାଗଶେଷ, ଭାଜକ ଠାରୁ ଅଧିକ ହେଉଛି ନା କମ୍ ହେଉଛି ? କାରଣ କ'ଣ ଲେଖ ।

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୫୨୬ ÷ ୨ = ଭାଗଫଳ.........., ଭାଗଶେଷ ..........

(ଖ) ୭୯୩ ÷ ୫ = ଭାଗଫଳ.........., ଭାଗଶେଷ ...........

(ଗ) ୩୦୪ ÷ ୪ = ଭାଗଫଳ.........., ଭାଗଶେଷ...........

(ଘ) ୮୮୦ ÷ ୧୦ = ଭାଗଫଳ.........., ଭାଗଶେଷ...........

୩. ଶୂନ୍ୟସ୍ଥାନ ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୮୯୫ | ୨ | ୪୪୭ | ୧ |
| ୫୮୯ | ୪ | | |
| ୭୪୨ | ୭ | | |
| ୩୦୫ | ୮ | | |
| ୯୦୧ | ୬ | | |
| ୫୫୫ | ୫ | | |

୪. ନିମ୍ନରେ ଭାଜକ, ଭାଗଫଳ ଓ ଭାଗଶେଷ ଦତ୍ତ ଅଛି । ଭାଜ୍ୟ ନିର୍ଣ୍ଣୟ କର ।

| ଭାଜକ | ଭାଗଫଳ | ଭାଗଶେଷ | ଭାଜ୍ୟ |
|---|---|---|---|
| ୭ | ୧୫ | ୩ | |
| ୯ | ୧୦୫ | ୭ | |
| ୧୦ | ୩୨୮ | ୫ | |
| ୨୩ | ୮୭୯ | ୧୩ | |

୫. ୮,୯ ଓ ୪କୁ ବ୍ୟବହାର କରି ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ସାରଣୀର ବାମ ପଟ ସ୍ତମ୍ଭରେ ତଳକୁ ତଳ ଲେଖ । ଲେଖିଥିବା ସଂଖ୍ୟାକୁ ଦତ୍ତ ଭାଜକମାନଙ୍କ ଦ୍ୱାରା ଭାଗ କରି ଯେଉଁଠି ଭାଗଶେଷ '୦' ସେଠାରେ ( ✓ ) ଚିହ୍ନ ଦିଅ, ନହେଲେ (✕) ଚିହ୍ନ ଦିଅ ।

ଯେପରି-

| ଭାଜ୍ୟ | ଭାଜକ | | | |
|---|---|---|---|---|
| | ୨ | ୫ | ୮ | ୩ |
| ୮୯୪ | ✓ | ✕ | ✕ | ✓ |
| ୮୪୯ | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

୬. ନିମ୍ନ ସାରଣୀରେ ଥିବା ଶୂନ୍ୟ ଘର ଗୁଡ଼ିକରେ ଠିକ୍ ସଂଖ୍ୟା ଲେଖି ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| | ୫୭ | ୭ | ୧୫ |
| ୭୫୧ | ୭ | | ୪ |
| ୩୭୯ | ୮ | | |
| ୧୦୦ | ୧୦ | | |
| | ୯ | ୬୭ | ୦ |
| | ୭ | ୯୭ | ୫ |

କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଭାଗ କଲେ ଭାଗଫଳ କ'ଣ ହେଉଛି ଲେଖ ।(ଭାଜ୍ୟକୁ ୪୦, ୫୦, ୮୦, ୯୦ ଓ ୧୦୦ ନେଇ ଏହି କାମ କର ।)

୭.ସମାଧାନ କର ।

(କ) କରିମ୍ ପାଖରେ ୩୬୯ଟି ଟଗର ଫୁଲ ଅଛି । ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ସେ ୩ଟି ମାଳ ତିଆରି କରିବ ବୋଲି ସ୍ଥିର କଲା । ପ୍ରତି ମାଳରେ କେତୋଟି ଫୁଲ ରହିବ ?

(ଖ) ରୋମି ମହମବତି ତିଆରି କରେ । ଗୋଟିଏ ଦିନ ସେ ୭୨୫ଟି ମହମବତି ତିଆରି କଲା । ଗୋଟିଏ ପ୍ୟାକେଟ୍‌ରେ ୬ଟି ମହମବତି ରହିଲେ ସର୍ବାଧିକ କେତୋଟି ପ୍ୟାକେଟ୍ ହେବ ଓ କେତୋଟି ବତି ବଳକା ରହିବ ?

(ଗ) ତୁମ ଜନ୍ମଦିନରେ ବାପା ଗଛରୁ ୨୨୫ଟି ଚମ୍ପା ଫୁଲ ତୋଳିଥିଲେ । ଏହି ଫୁଲଗୁଡ଼ିକୁ ପ୍ରତି ଅତିଥିଙ୍କୁ ୫ଟି କରି ଦେବାରୁ ସମସ୍ତ ଅତିଥି ଫୁଲ ପାଇଲେ ଏବଂ ଆଉ ଫୁଲ ବଳିଲା ନାହିଁ । ତୁମ ଜନ୍ମଦିନର ଅତିଥି ସଂଖ୍ୟା କେତେ ?

(ଘ) ୪୩ଜଣ ପିଲାଙ୍କ ମଧ୍ୟରୁ ପ୍ରତି ପିଲାଙ୍କୁ ୪ଟି ଲେଖାଏଁ କମଳା ବାଣ୍ଟିବାରୁ ୨୮ଟି କମଳା ବଳି ପଡ଼ିଲା । ଯଦି ଜଣକୁ ୫ଟି କରି କମଳା ଦିଆଯାଇଥାନ୍ତା ତେବେ ଆଉ କେତୋଟି କମଳା ଦରକାର ପଡ଼ିଥାନ୍ତା ?

(ଙ) ଶିଶୁ ଦିବସରେ ଶିକ୍ଷକ ୧୫୬ ଜଣ ପିଲାଙ୍କୁ ୫ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ । ତାଙ୍କ ପାଖରେ ଆଉ ୩୮ଟି ଚକୋଲେଟ୍ ବଳି ପଡ଼ିଲା । ତେବେ ସେ କେତୋଟି ଚକୋଲେଟ୍ ଆଣିଥିଲେ ?

(ଚ) ସ୍ୱାଧୀନତା ଦିବସରେ ସାଜସଜା ପାଇଁ ପିଲାମାନେ ୬୩୭ଟି ପତାକା ତିଆରି କରି ସମାନ ଭାବରେ ୫ଟି ମାଳରେ ପତାକାଗୁଡ଼ିକୁ ଗୁନ୍ଥିଲେ । ଗୋଟିଏ ପତାକା ମାଳରେ କେତୋଟି ପତାକା ଲାଗିବ ? କେତୋଟି ପତାକା ବଳିପଡ଼ିବ ?

(ଛ) ଜଣେ କମଳା ବ୍ୟବସାୟୀ ୭୩୬ ଟି କମଳାକୁ ସମାନଭାବରେ ବାଣ୍ଟି ୮ଟି ପେଟିରେ ରଖିଲେ । ଗୋଟିଏ ପେଟିରେ କେତୋଟି କମଳା ରହିଲା ?

୮.(କ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ରହୁ ନ ଥିବ ।

(ଖ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ୨ ରହୁଥିବ ।

(ଗ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଜକ ୪ ହେଉଥିବ ଓ ଭାଗଶେଷ ୨ ହେଉଥିବ ।

## ଅଭ୍ୟାସ କାର୍ଯ୍ୟ

ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମାଧାନ କର ।

୧. ସପନି ଓ ତା' ସ୍ତ୍ରୀ ଶାଳପତ୍ର ତୋଳିବାକୁ ବଣକୁ ଗଲେ । ଉଭୟ ପତ୍ର ତୋଳି ଗୋଟିଏ ଜାଗାରେ ଗଦା କଲେ । ସପନି ୧୦୦ଟିକିଆ ୬ଟି ବିଡ଼ା ତିଆରି କଲା,ତା ପାଖରେ ଆଉ ୪୪ଟି ପତ୍ର ବଳିପଡ଼ିଲା । ସେମାନେ କେତୋଟି ପତ୍ର ତୋଳିଥିଲା ?

୨. ସୀତା ୪୫ ଟି ଫୁଲ ଓ ଗୀତା ୩୦ଟି ଫୁଲ ତୋଳିଲେ । ଦୁହେଁ ତୋଳିଥିବା ଫୁଲକୁ ଏକାଠି କରି ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ୫ଟି ମାଳ ତିଆରି କଲେ । ତେବେ ପ୍ରତି ମାଳରେ କେତୋଟି ଫୁଲ ରହିଲା ?

୩. ଜଣେ ବେଲୁନ୍ ବିକାଳି ୮୯ଟି ବେଲୁନ୍ ବିକିବାକୁ ନେଇଥିଲେ । ସେଥିରୁ ୧୭ଟି ବେଲୁନ୍ ଫାଟିଗଲା । ବାକିତକ ବେଲୁନ୍ ୯ଜଣ ପିଲା ସମାନ ଭାବରେ କିଣି ନେଲେ । ପ୍ରତ୍ୟେକ କେତୋଟି ବେଲୁନ୍ କିଣିଲେ ?

୪. ଦୀପାବଳି ପାଇଁ ତୁମେ ୬ଟି ଲେଖାଏଁ ମହମବତି ଥିବା ୧୦ଟି ପ୍ୟାକେଟ୍ ଓ ୧୨ଟି ଲେଖାଏଁ ମହମବତି ଥିବା ୩ଟି ପ୍ୟାକେଟ୍ କିଣିଲ । ମୋଟ୍‌ରେ କେତୋଟି ମହମବତି କିଣିଲ ?

୫. ଗୋଟିଏ ଅଟୋରେ ୫ଜଣ ଆସନ୍ତି । ଗୋଟିଏ ଡଙ୍ଗାରେ ଥରକେ ୮ ଜଣ ନଇ ପାରିହୁଅନ୍ତି । ଦିନେ ୧୬ଟି ଅଟୋରେ ଲୋକ ଆସିଲେ । ସେମାନେ ସମସ୍ତେ କେତେ ଥରରେ ନଇ ପାରି ହେବେ ?

୬. ବାପା ବଜାରରୁ କିଛି ଗୋଲାପ ଚାରା ଆଣି ପ୍ରତି ଧାଡ଼ିରେ ୮ଟି କରି ୯ ଧାଡ଼ିରେ ଲଗାଇଲେ । ସେ ଯଦି ପ୍ରତି ଧାଡ଼ିରେ ୬ଟି କରି ଲଗାଇଥାନ୍ତେ ତେବେ କେତୋଟି ଧାଡ଼ି ହୋଇଥାନ୍ତା ?

୭. ବାତ୍ୟା ବେଳେ ଗୋଟିଏ ସାହିରେ ପ୍ରତି ପରିବାରକୁ ୬ ପ୍ୟାକେଟ୍ ପାଉଁରୁଟି ଦେବାରୁ ୫ ପ୍ୟାକେଟ୍ ବଳି ପଡ଼ିଲା । ସାହିରେ ୯ଟି ପରିବାର ଥିଲେ । କେତେ ପ୍ୟାକେଟ୍ ପାଉଁରୁଟି ବଣ୍ଟାଯିବାକୁ ଆସିଥିଲା ?

୮. ତୁମ ବିଦ୍ୟାଳୟ ପାଠାଗାରରେ ୭ଟି ଥାକରେ ୩୧୫ ଖଣ୍ଡ ବହି ଅଛି । ଯଦି ସବୁ ଥାକରେ ସମାନ ସଂଖ୍ୟକ ବହିଥାଏ, ତେବେ ୨୫ ଟି ଥାକରେ କେତେ ଖଣ୍ଡ ବହି ରହିବ ?

୯. ଗୋଟିଏ ଗଛରୁ ୫ ଜଣ ପିଲା ମିଶି ୨୪୮ ଟି ଆମ୍ବ ତୋଳିଲେ । ସେଥିରୁ ୮ ଟି ଆମ୍ବ ନଷ୍ଟ ହୋଇଗଲା । ଅବଶିଷ୍ଟ ଆମ୍ବକୁ ସେମାନେ ସମାନ ଭାଗରେ ବାଣ୍ଟିନେଲେ, ପ୍ରତ୍ୟେକ ପିଲା କେତୋଟି ଲେଖାଏଁ ଆମ୍ବ ପାଇଲେ ?

୧୦. କେତେକ ପ୍ରଶ୍ନର ସମାଧାନ ଲେଖାଅଛି । ସେହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।

(କ) ୧ ମିଟର କନାର ଦାମ୍ = ୧୨୫ ଟଙ୍କା

୪ ମିଟର କନାର ଦାମ୍ = ୧୨୫ଟଙ୍କା × ୪ = ୫୦୦ଟଙ୍କା

∴ ୪ମିଟର କନା କିଣିଲେ ୫୦୦ଟଙ୍କା ଦେବାକୁ ପଡ଼ିବ ।

(ଖ) ସ୍ୱାଧୀନତା ଦିବସରେ ଆସିଥିବା ଚକୋଲେଟ୍ ସଂଖ୍ୟା = ୨୫୦

ପ୍ରତ୍ୟେକ ପିଲା ପାଇଥିବା ଚକୋଲେଟ୍ ସଂଖ୍ୟା = ୫

ପିଲାସଂଖ୍ୟା = ୨୫୦ ÷ ୫ = ୫୦

∴ ୫୦ ଜଣ ପିଲା ଚକୋଲେଟ୍ ପାଇଲେ ।

୧୧. ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଠିକ୍ ଗାଣିତିକ ପ୍ରକ୍ରିୟାଟିକୁ ବାଛ ।

(କ). ୧୧୫ଟି ଚକୋଲେଟ୍‌କୁ ୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାହେଲା । ପ୍ରତ୍ୟେକ କେତୋଟି ଚକୋଲେଟ୍ ପାଇବେ ?

(କ) ୧୧୫ + ୫ (ଖ) ୧୧୫ - ୫ (ଗ) ୧୧୫ × ୫ (ଘ) ୧୧୫ ÷ ୫

(ଖ). ଗୋଟିଏ ଧାଡ଼ିରେ ୨୭୯ ଜଣ ସୈନିକ ଅଛନ୍ତି, ୬ ଧାଡ଼ିରେ କେତେଜଣ ସୈନିକ ଥିବେ ?

(କ) ୨୭୯ + ୬ (ଖ) ୨୭୯ - ୬ (ଗ) ୨୭୯ × ୬ (ଘ) ୨୭୯ ÷ ୬

(ଗ). ଗୋଟିଏ ଛାତ୍ରୀ ନିବାସରେ ୩୩୯ ଜଣ ଛାତ୍ରୀ ରହୁଥିଲେ । ପରେ ଆଉ ୨ ଜଣ ଛାତ୍ରୀ ନିବାସରେ ଯୋଗ ଦେଲେ । ମୋଟରେ କେତେ ଜଣ ଛାତ୍ରୀ ସେହି ଛାତ୍ରୀନିବାସରେ ରହିଲେ ?

(କ) ୩୩୯ + ୨ (ଖ) ୩୩୯ - ୨ (ଗ) ୩୩୯ × ୨ (ଘ) ୩୩୯ ÷ ୨

(ଘ). ଗୋଟିଏ ମହୁଫେଣାରେ ୭୬୨ଟି ମହୁମାଛି ବସିଥିଲେ । ଧୂଆଁଯୋଗୁ ସେଥିରୁ ୨୮୯ଟି ମାଛି ଉଡ଼ିଗଲେ । ମହୁଫେଣାରେ ଆଉ କେତେ ମାଛି ରହିଲେ ?

(କ) ୭୬୨ + ୨୮୯ (ଖ) ୭୬୨ - ୨୮୯ (ଗ) ୭୬୨ × ୨୮୯ (ଘ) ୭୬୨ ÷ ୨୮୯

(ଙ) ଗୋଟିଏ ସାଇକେଲ ଦୋକାନରେ ୪୮୦ଟି ସାଇକେଲ ଥିଲା ଓ ସେଥିରୁ ୨୪୫ଟି ସାଇକେଲ ବିକ୍ରି ହୋଇଗଲା । ତା' ପରଦିନ ଦୋକାନକୁ ୧୩୦ଟି ସାଇକେଲ କିଣାହୋଇ ଆସିଲା । ଦୋକାନରେ ମୋଟ୍ କେତୋଟି ସାଇକେଲ ହେଲା ?

(କ) ୪୮୦ + ୨୪୫ + ୧୩୦ (ଖ) ୪୮୦ + ୨୪୫ - ୧୩୦

(ଗ) ୪୮୦ - ୨୪୫ - ୧୩୦ (ଘ) ୪୮୦ - ୨୪୫ + ୧୩୦